# Asian School of Business Management

**NEW PAPER:** Dharitri

**DATE:** 12.12.2018

**PAGE:** 12

ଧରିତ୍ରୀ
DHARITRI

## ଏଏସ୍‌ବିଏମ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୧।୧୨

ଏସିଆନ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ଏହାର ଦ୍ୱାଦଶ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେହିଭଳି ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଧ୍ୟ କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଏକ ଆଲୁମ୍ନି ମିଟ ଅନୁଷ୍ଠିତ ହୋଇଥିଲା। ଏଠାରେ ଛାତ୍ରୀଛାତ୍ରଙ୍କୁ ପୁରାତନ ଛାତ୍ରୀଛାତ୍ରମାନେ ସେମାନଙ୍କ ବିଦ୍ୟାର୍ଥୀ ଜୀବନର ସମ୍ପର୍କ କହିଥିଲେ। ଏଏସ୍‌ବିଏମ୍ ଏହାର ଗୁଣବତ୍ତା ଶିକ୍ଷା ପ୍ରଣାଳୀ ଲାଗି ଯୁକ୍ତରାଷ୍ଟ୍ର ଆମେରିକା ଆକ୍ରିଡେଶନ କାଉନସିଲ ଫର ବିଜନେସ ସ୍କୁଲ ଆଣ୍ଡ ପ୍ରୋଗ୍ରାମ୍‌ସର ମାନ୍ୟତା ପାଇଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ବିଶ୍ୱଜିତ ପଟ୍ଟନାୟକ କହିଥିଲେ। ନିଜକୁ ଠିକ୍ ମାର୍ଗରେ ପ୍ରସ୍ତୁତି କରି ରଖି ପାରୁଥିବା ବ୍ୟକ୍ତିଙ୍କୁ ଭଗବାନ ସହାୟତା କରନ୍ତି ବୋଲି ରାଜ୍ୟ ସଭା ସଦସ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଥିଲେ। ନିଜକୁ ସହଜ କରି ସମସ୍ତ ଆହ୍ୱାନକୁ ମୁକାବିଲା କରି ହେବ ବୋଲି ରେଭେନ୍ସା ବିଶ୍ୱ ବିଦ୍ୟାଳୟ କୁଳପତି ଇସାନ ପାତ୍ର ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ।